ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୯୩-୯୪ ମସିହାର ବଜେଟ୍ ଉପସ୍ଥାପନ କରି
# ଅର୍ଥ ମନ୍ତ୍ରୀ
# ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲାଙ୍କ
# ଅଭିଭାଷଣ



ମାର୍ଚ୍ଚ ୧, ୧୯୯୩

ଅଧ୍ୟକ୍ଷ ମହୋଦୟ,

ଏହି ମହାନ ଗୃହରେ ୧୯୯୩–୯୪ ମସିହାର ବାର୍ଷିକ ବଜେଟ୍ ଉପସ୍ଥାପନ କରିବା ଅବସରରେ ମୁଁ ମାନ୍ୟବର ସଭ୍ୟମାନଙ୍କୁ ଅଭିନନ୍ଦନ ଜଣାଉଛି ।

(୨) ଆମ ସରକାର ଶାସନଭାର ଗ୍ରହଣ କରିବାର ୩ ବର୍ଷ ପୂର୍ତ୍ତି ହେବାକୁ ଯାଉଛି । ଶାସନଭାର ହାତକୁ ନେଲାବେଳେ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ ସେଥିରୁ କେତେକ ପ୍ରତିଶ୍ରୁତି ପାଳିତ ହୋଇଛି ଓ ଅନ୍ୟ ପ୍ରତିଶ୍ରୁତି ପାଳନ ପାଇଁ ସରକାର ସଦା ସର୍ବଦା ଚେଷ୍ଟିତ ଅଛନ୍ତି । ପଞ୍ଚାୟତ, ପଞ୍ଚାୟତ ସମିତି ଓ ପୌରସଂସ୍ଥାମାନଙ୍କର ନିର୍ବାଚନ କରାଇ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଛି । ପ୍ରଥମ ଥର ପାଇଁ ଜିଲ୍ଲା ପୁନର୍ଗଠନ କରାଯାଇ ଅଧିକ ଜିଲ୍ଲା ସୃଷ୍ଟି ଦ୍ୱାରା ଶାସନକୁ ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯାଇଛି ଓ ଏହି କାର୍ଯ୍ୟ ଅବ୍ୟାହତ ରହିଛି । କୃଷି ଋଣ ଛାଡ଼କରି ପ୍ରାୟ ୨୩ ଲକ୍ଷ କୃଷକ ପରିବାରଙ୍କର ଆର୍ଥିକ ମେରୁଦଣ୍ଡ ଦୃଢ଼ କରାଯାଇଛି । ମହିଳାମାନଙ୍କୁ ସମାଜର ସବୁ ସ୍ତରରେ ପ୍ରାଧାନ୍ୟ ଦେବାକୁ ଶାସନ ଓ ଚାକିରୀରେ ସ୍ଥାନ ସଂରକ୍ଷଣ କରି ଏକ ବୈପ୍ଳବିକ ପଦକ୍ଷେପ ନିଆ ଯାଇଛି । ମହିଳା କମିଶନ, ମହିଳା ନିଗମ ଓ ମହିଳା ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି । ଶ୍ରମିକମାନଙ୍କୁ ଶିଳ୍ପ ପରିଚାଳନାରେ ଅଂଶୀଦାର କରିବା, ହରିଜନ ଓ ଆଦିବାସୀଙ୍କ ସମସ୍ୟାର ସୁସମାଧାନ ପାଇଁ ଭିନ୍ନ ବିଭାଗ ସୃଷ୍ଟି କରିବା, ଗଣ ଶିକ୍ଷାକୁ ଅଧିକ ବ୍ୟାପକ କରିବା, ସର୍ବନିମ୍ନ ଦୈନିକ ମଜୁରିକୁ ସର୍ବଭାରତୀୟ ସ୍ତରଠାରୁ ଅଧିକ କରିବା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରାଯାଇଛି ।

(୩) ମାନ୍ୟବର ସଭ୍ୟମାନେ ଏକମତ ହେବେ ଯେ ରାଜ୍ୟର ବଜେଟ୍ ଆଗତ ବର୍ଷର ଆୟବ୍ୟୟର କେବଳ ଏକ ଅଟକଳ ନୁହେଁ । ଏହା ଆସନ୍ତା ବର୍ଷର କାର୍ଯ୍ୟସୂଚୀର ଏକ ରୂପରେଖ ଓ ରାଜ୍ୟର ଆର୍ଥିକ ଅବସ୍ଥାର ଏକ ଚିତ୍ର ପ୍ରଦାନ

କରେ । ଗୋଟିଏ ରାଜ୍ୟର ବାର୍ଷିକ ରାଜସ୍ୱ ଆୟରୁ ରାଜସ୍ୱ ବ୍ୟୟ ବାଦ ଦେଲା ପରେ ବଳକା ଆୟ ପୁଞ୍ଜି ଗଠନ ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଯେଉଁ ରାଜ୍ୟର ଯେତେ ରାଜସ୍ୱ ଆୟ ପୁଞ୍ଜି ବିନିଯୋଗ ପାଇଁ ବଳକା ହୁଏ, ସେ ରାଜ୍ୟର ଆର୍ଥିକ ସ୍ୱଚ୍ଛଳତା ସେତେ ଅଧିକ ବୋଲି ଜଣାପଡ଼େ । ରାଜ୍ୟର ରାଜସ୍ୱ ଆୟ କହିଲେ ସାଧାରଣତଃ ନିଜସ୍ୱ ଟିକସ ଓ ଅଣ ଟିକସ ରାଜସ୍ୱ, କେନ୍ଦ୍ରୀୟ ଟିକସର ଅଂଶ ଓ କେନ୍ଦ୍ରୀୟ ଅନୁଦାନର ପରିମାଣକୁ ବୁଝାଏ । ଗତ କେତେ ବର୍ଷର ଆମ ରାଜ୍ୟର ରାଜସ୍ୱ ଆୟବ୍ୟୟର ଏକ ହିସାବ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି ।

| ବର୍ଷ | ରାଜସ୍ୱ ଆୟ | ରାଜସ୍ୱ ବ୍ୟୟ | ବଳକା/ନିଅଣ୍ଟ |
|---|---|---|---|
| (୧) | (୨) | (୩) | (୪) |
| ୧୯୮୫-୮୬ | ୯୪୦·୮୪ କୋଟି ଟଙ୍କା | ୧୦୦୦·୯୦ କୋଟି ଟଙ୍କା | (-)୬୦·୦୬ କୋଟି ଟଙ୍କା |
| ୧୯୮୬-୮୭ | ୧୨୨୮·୨୨ କୋଟି ଟଙ୍କା | ୧୨୫୮·୦୦କୋଟି ଟଙ୍କା | (-)୨୯·୭୮ କୋଟି ଟଙ୍କା |
| ୧୯୮୭-୮୮ | ୧୩୩୩·୨୦ କୋଟି ଟଙ୍କା | ୧୪୦୭·୬୦ କୋଟି ଟଙ୍କା | (-)୭୪·୪୦ କୋଟି ଟଙ୍କା |
| ୧୯୮୮-୮୯ | ୧୪୪୦·୯୩ କୋଟି ଟଙ୍କା | ୧୬୪୮·୭୦ କୋଟି ଟଙ୍କା | (-)୨୦୭·୭୭ କୋଟି ଟଙ୍କା |
| ୧୯୮୯-୯୦ | ୧୭୪୦·୭୨ କୋଟି ଟଙ୍କା | ୧୮୪୬·୧୦ କୋଟି ଟଙ୍କା | (-)୧୦୫·୩୮ କୋଟି ଟଙ୍କା |
| ୧୯୯୦-୯୧ | ୨୧୭୦·୯୦ କୋଟି ଟଙ୍କା | ୨୧୯୦·୫୦ କୋଟି ଟଙ୍କା | (-)୧୯·୬୦ କୋଟି ଟଙ୍କା |
| ୧୯୯୧-୯୨ | ୨୫୪୭·୩୨ କୋଟି ଟଙ୍କା | ୨୭୩୪·୯୭ କୋଟି ଟଙ୍କା | (-)୧୮୭·୬୫ କୋଟି ଟଙ୍କା |
| ୧୯୯୨-୯୩ (ସଂଶୋଧିତ) | ୩୧୪୭·୨୪ କୋଟି ଟଙ୍କା | ୩୩୩୨·୨୮ କୋଟି ଟଙ୍କା | (-)୧୮୫·୦୪ କୋଟି ଟଙ୍କା |

ଉପରୋକ୍ତ ହିସାବରୁ ଏହା ସ୍ପଷ୍ଟ ହେବ ଯେ ପ୍ରତି ବର୍ଷ ରାଜସ୍ୱ ଆୟ ତୁଳନାରେ ବ୍ୟୟ ଅଧିକ ହେଉଥିବା ହେତୁ ଆମ ରାଜ୍ୟର ରାଜସ୍ୱ ଆୟରୁ ପୁଞ୍ଜି ଗଠନ ପାଇଁ କିଛି ବଳକା ରହୁନାହିଁ । ମାନ୍ୟବର ସଭ୍ୟମାନେ ଅବଗତ ଥିବେ ଯେ ରାଜ୍ୟ ଅଣ ଯୋଜନା ଖର୍ଚ୍ଚର ଅଧିକ ଭାଗ କର୍ମଚାରୀଙ୍କ ଦରମା, ଭତ୍ତା, ଅବସର କାଳୀନ ଦେୟ ଓ ପୂର୍ବ ଋଣର ସୁଧ ବାବଦକୁ ଖର୍ଚ୍ଚ ହୁଏ । ପୁନଶ୍ଚ ଆମ ରାଜ୍ୟର ସମସ୍ତ ନିଜସ୍ୱ ଟିକସ ଓ ଅଣ ଟିକସ ଆୟ ରାଜ୍ୟ କର୍ମଚାରୀଙ୍କ ବେତନ ଓ

ପେନ୍‌ସନ୍ ଦେବାକୁ ନିଅଣ୍ଟ ହେଉଛି । ମାନ୍ୟବର ସଭ୍ୟମାନଙ୍କର ଅବଗତି ନିମନ୍ତେ ଏହାର ଏକ ବିବରଣୀ ନିମ୍ନରେ ଦିଆଗଲା ।

| ବର୍ଷ | ରାଜ୍ୟର ନିଜ ଟିକସ ଓ ଅଣ ଟିକସ ରାଜସ୍ୱ | ମୋଟ ବେତନ ଓ ପେନ୍‌ସନ୍ |
|---|---|---|
| (୧) | (୨) | (୩) |
| ୧୯୮୫–୮୬ | ୪୧୬·୫୦ କୋଟି ଟଙ୍କା | ୪୬୫·୯୬ କୋଟି ଟଙ୍କା |
| ୧୯୮୬–୮୭ | ୪୯୬·୨୦ କୋଟି ଟଙ୍କା | ୫୯୧·୬୬ କୋଟି ଟଙ୍କା |
| ୧୯୮୭–୮୮ | ୫୪୨·୮୦ କୋଟି ଟଙ୍କା | ୬୬୭·୩୨ କୋଟି ଟଙ୍କା |
| ୧୯୮୮–୮୯ | ୬୩୮·୦୦ କୋଟି ଟଙ୍କା | ୭୪୬·୯୯ କୋଟି ଟଙ୍କା |
| ୧୯୮୯–୯୦ | ୭୨୩·୪୮ କୋଟି ଟଙ୍କା | ୮୫୭·୯୩ କୋଟି ଟଙ୍କା |
| ୧୯୯୦–୯୧ | ୮୬୯·୯୧ କୋଟି ଟଙ୍କା | ୯୭୦·୯୫ କୋଟି ଟଙ୍କା |
| ୧୯୯୧–୯୨ | ୯୩୩·୪୫ କୋଟି ଟଙ୍କା | ୧୨୫୬·୭୦ କୋଟି ଟଙ୍କା |
| ୧୯୯୨–୯୩ (ସଂଶୋଧିତ) | ୧୧୫୫·୪୦ କୋଟି ଟଙ୍କା | ୧୫୪୫·୫୬ କୋଟି ଟଙ୍କା |

(୪) ଏହି ଅତ୍ୟଧିକ ଦରମା ଓ ଭତ୍ତା ଅଭିବୃଦ୍ଧିର ମୁଖ୍ୟ କାରଣ ମୁଦ୍ରାସ୍ଫିତିଜନିତ ମହଙ୍ଗୀଭତ୍ତା ବୃଦ୍ଧି । ୧୯୮୦–୮୧ ମସିହାରେ ସରକାରୀ କର୍ମଚାରୀଙ୍କ ମହଙ୍ଗୀଭତ୍ତା ବାବଦରେ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସ୍ଥଳେ ୧୯୯୨–୯୩ ମସିହାରେ ପ୍ରାୟ ୬୧୬ କୋଟି ଟଙ୍କା ଖର୍ଚ୍ଚ ହେବ । ମାନ୍ୟବର ସଭ୍ୟମାନେ ଅବଗତ ଥିବେ ଯେ ଦର ବୃଦ୍ଧି ନିୟନ୍ତ୍ରଣ କରିବା ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଦାୟିତ୍ୱ । କିନ୍ତୁ, ରାଜ୍ୟ ସରକାରଙ୍କୁ ବାଧ ହୋଇ ଏହି ଅତିରିକ୍ତ ବ୍ୟୟ ଭାର ବହନ କରିବାକୁ ହେଉଛି । ପୁନଶ୍ଚ, ଅଣ ଯୋଜନା ରାଜସ୍ୱ ବ୍ୟୟ ବୃଦ୍ଧିର ମୁଖ୍ୟ କାରଣ ହେଲା ସୁଧ ବାବଦକୁ ଦେୟରେ କ୍ରମାଗତ ବୃଦ୍ଧି । ୧୯୯୦–୯୧, ୧୯୯୧–୯୨ ଓ ୧୯୯୨–୯୩ ଆର୍ଥିକ ବର୍ଷରେ ଯଥାକ୍ରମେ ୩୬୪ କୋଟି ୬୭ ଲକ୍ଷ, ୪୮୧ କୋଟି ୪ ଲକ୍ଷ ଓ ୫୮୪ କୋଟି ୮୮ ଲକ୍ଷ ଟଙ୍କା ସୁଧ ବାବଦରେ ଖର୍ଚ୍ଚ କରିବାକୁ ପଡ଼ିଛି । ଖଣିଜ ଦ୍ରବ୍ୟ ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ସେସ୍ ଆଦାୟ ମାନ୍ୟବର ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟଙ୍କ ଆଦେଶରେ ରଦ୍ଦ ହୋଇଯିବା ଯୋଗୁଁ, ବାର୍ଷିକ ପ୍ରାୟ ୧୦୦ କୋଟି ଟଙ୍କାର ଆୟ

ହ୍ରାସ ହୋଇଅଛି । ରାଜ୍ୟ ସରକାରଙ୍କ ପ୍ରସ୍ତାବିତ କନ୍‌ସାଇନ୍‌ମେଣ୍ଟ୍ ଟିକସ ବସାଇବା ପାଇଁ କେନ୍ଦ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନନେବା ଯୋଗୁଁ ଗତ ୩ ବର୍ଷରେ ରାଜ୍ୟ ସରକାରଙ୍କ ଅଟକଳରୁ ପ୍ରାୟ ୧୭୨ କୋଟି ଟଙ୍କାର ରାଜସ୍ୱ ହ୍ରାସ ପାଇଛି । ସେହିପରି କେନ୍ଦ୍ର ସରକାରଙ୍କଠାରୁ ସ୍ୱତନ୍ତ୍ର ସାହାଯ୍ୟ ବାବଦକୁ ୧୯୯୦-୯୧ରେ ୧୫୦ କୋଟି ଓ ୧୯୯୧-୯୨ରେ ୧୫୦ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ମିଳିଲା ନାହିଁ । ସ୍ୱଳ୍ପ ସଞ୍ଚୟ ପ୍ରତି କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ଅଭାବ ଯୋଗୁଁ ଏହି ବାବଦରେ ରାଜ୍ୟ ସରକାରଙ୍କ ଦ୍ୱାରା କଳନା କରାଯାଇଥିବା ଋଣ ପ୍ରାପ୍ତିରେ ୧୯୯୧-୯୨ ଆର୍ଥିକ ବର୍ଷରେ ୮୮ କୋଟି ୪୬ ଲକ୍ଷ ଟଙ୍କା ହ୍ରାସ ପାଇଛି ଓ ୧୯୯୨-୯୩ ଆର୍ଥିକ ବର୍ଷରେ ୧୧୬ କୋଟି ୫୭ ଲକ୍ଷ ଟଙ୍କା ହ୍ରାସ ପାଇବ ବୋଲି ଜଣାପଡୁଛି ।

(୫) ରାଜସ୍ୱ ଆଦାୟ ଓ ସଫଳ ସଂଗ୍ରହରେ ହ୍ରାସ ବ୍ୟତୀତ ସରକାରଙ୍କୁ ବିବିଧ ଜନହିତକର କାର୍ଯ୍ୟ ପାଇଁ ଅଧିକ ଖର୍ଚ୍ଚ ବହନ କରିବାକୁ ପଡୁଛି । ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ୧୯୮୧ ମସିହା ଜନସଂଖ୍ୟାର ୦.୨ ପ୍ରତିଶତ ଲୋକଙ୍କର ସାମାଜିକ ନିରାପତ୍ତା ପାଇଁ ମାସିକ ୧୦୦ ଟଙ୍କା ହିସାବରେ ବର୍ଷକୁ ୬ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ହେବା କଥା । ସାମାଜିକ ସୁରକ୍ଷାର ଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ ଆମ ସରକାର ବୃଦ୍ଧ, ବିଧବା, କୁଷ୍ଠ ରୋଗାକ୍ରାନ୍ତ, କ୍ଷୁଦ୍ର ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ପାଇଁ ପେନ୍‌ସନ୍‌ର ବ୍ୟବସ୍ଥା କରିଛନ୍ତି । ୧୯୮୯-୯୦ରେ ଏହି ବାବଦରେ ୮ କୋଟି ୬୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସ୍ଥଳେ ୧୯୯୦-୯୧ରେ ୧୫ କୋଟି ୮୮ ଲକ୍ଷ ଟଙ୍କା, ୧୯୯୧-୯୨ରେ ୩୦ କୋଟି ଟଙ୍କା ବ୍ୟୟ ହୋଇଛି ଓ ୧୯୯୨-୯୩ରେ ୫୪ କୋଟି ୫୬ ଲକ୍ଷ ଟଙ୍କା ଏବଂ ୧୯୯୩-୯୪ ଆର୍ଥିକ ବର୍ଷ ପାଇଁ ୫୭ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ୧୯୮୯-୯୦ରେ ଏହି ଶ୍ରେଣୀର ପେନ୍‌ସନ୍ ଉପଭୋକ୍ତାଙ୍କ ସଂଖ୍ୟା ୧ ଲକ୍ଷ ୬୦ ହଜାର ଥିବାବେଳେ ଏହି ୩ ବର୍ଷ ମଧ୍ୟରେ ଏହା ପ୍ରାୟ ୪ ଲକ୍ଷ ୫୦ ହଜାରକୁ ବୃଦ୍ଧି ପାଇଛି ।

(୬) ଏହିପରି ଭାବେ ଯେତେବେଳେ ସରକାରଙ୍କ ଆୟଠାରୁ ବ୍ୟୟ ଅଧିକରୁ ଅଧିକ ହୋଇ ଚାଲିଛି, ସେତେବେଳେ ସରକାର ଗଭୀର ଭାବେ ଚିନ୍ତାକରି ସ୍ଥିର କରିଛନ୍ତି ଯେ ଅଧିକ ସଫଳ ସଂଗ୍ରହ ନିମିତ୍ତ ବିଭିନ୍ନ ଉପାୟରେ ବ୍ୟୟ ସଙ୍କୋଚନ କରିବାକୁ ହେବ । ଏଇଥିପାଇଁ ମନ୍ତ୍ରୀ ଓ ଅନ୍ୟ ସମସ୍ତଙ୍କର ଗାଡ଼ିର ଚାଳେଣି ଓ ମରାମତି ଖର୍ଚ୍ଚର ସୀମା ନିର୍ଦ୍ଧାରଣ, କେବଳ କେତୋଟି ଟେଲିଫୋନ୍

ବ୍ୟତୀତ ଅନ୍ୟ ସମସ୍ତ ଟେଲିଫୋନରୁ **STD** ପ୍ରତ୍ୟାହାର, ନୂତନ ଗାଡ଼ି ଓ ଉପକରଣ ଖରିଦରେ ତଥା ବିମାନ ଯାତ୍ରାରେ କଟକଣା ସରକାରୀ ବିଭାଗ ଓ ସରକାରୀ ଉଦ୍ୟୋଗରେ ଅଣ ଉତ୍ପାଦନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚରେ ସଂଯମତା ଆଚରଣ ପାଇଁ ଦୃଢ଼ ପଦକ୍ଷେପ ନିଆଯାଇଛି । ଏଥି ସହିତ କର୍ମଚାରୀମାନଙ୍କୁ ଦରମା ଓ ଭତ୍ତା ସମ୍ବନ୍ଧୀୟ ନ୍ୟାଯ୍ୟ ପ୍ରାପ୍ୟ ବ୍ୟତୀତ ଦିଆଯାଉଥିବା ଅନ୍ୟାନ୍ୟ କେତେକ ବିଶେଷ ସୁବିଧାର କିଛି ଅଂଶ ସଙ୍କୁଚିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ରାଜ୍ୟର ସମୂହ ଉନ୍ନତି ପାଇଁ ସରକାରୀ କର୍ମଚାରୀମାନେ ଯେଉଁମାନେକି ସରକାରଙ୍କ ଅବିଚ୍ଛେଦ୍ୟ ଅଙ୍ଗ, ଏହି ସ୍ୱଳ୍ପ ତ୍ୟାଗ କରିବେ ବୋଲି ସରକାରଙ୍କ ଦୃଢ଼ ବିଶ୍ୱାସ ।

(୭) ମାନ୍ୟବର ସଭ୍ୟମାନଙ୍କ ସମ୍ମୁଖରେ ରାଜ୍ୟର ଆର୍ଥିକ ଅବସ୍ଥାର ଉପରୋକ୍ତ ବିଶଦ ବିବରଣୀ ଉପସ୍ଥାପନ କଲାପରେ ରାଜ୍ୟ ବଜେଟ୍ ଉପରେ ବର୍ତ୍ତମାନ ମୁଁ ଆଲୋକପାତ କରିବାକୁ ଯାଉଛି । କୌଣସି ବର୍ଷର ବଜେଟ୍ ପୂର୍ବ ବର୍ଷର ବାସ୍ତବ ଆୟ ବ୍ୟୟ ଓ ଚଳିତ ବର୍ଷର ସଂଶୋଧିତ ଅଟକଳ ଭିତ୍ତିରେ ପ୍ରସ୍ତୁତ କରାଯାଇଥାଏ । ୧୯୯୧–୯୨ ଆର୍ଥିକ ବର୍ଷର ବଜେଟ୍ ଏକ ଲକ୍ଷ ଟଙ୍କା ବଳକାରୁ ଆରମ୍ଭ ହେବା ପାଇଁ ଅଟକଳ କରାଯାଇଥିଲା । ରାଜ୍ୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସେ ବର୍ଷର ଯୋଜନା ଅଟକଳ ୨୪୦୨ କୋଟି ଟଙ୍କା ରଖାଯାଇଥିଲା । କିନ୍ତୁ, ପୂର୍ବରୁ ସୂଚନା ଦିଆଯାଇଥିବା ବିଭିନ୍ନ କାରଣ ପାଇଁ ସମ୍ବଳର ଅଭାବ ଘଟିଲା ଓ ପ୍ରକୃତ ଯୋଜନା ଖର୍ଚ୍ଚ ୧୦୪୯·୬୮ କୋଟି ଟଙ୍କାକୁ କମାଇ ଦେବାକୁ ପଡ଼ିଲା । ଏହିସବୁ କାରଣରୁ ୧୯୯୧–୯୨ ଆର୍ଥିକ ବର୍ଷ ଶେଷକୁ ନିଅଣ୍ଟ ପରିମାଣ ୧୩୮ କୋଟି ୩୪ ଲକ୍ଷ ଟଙ୍କା ହେଲା । ୧୯୯୨–୯୩ ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତି ସମୟରେ ଏହି ନିଅଣ୍ଟ କଳନା କରାଯାଇ ପାରିନଥିଲା । ସେତେବେଳେ ଅଟକଳ କରା ଯାଇଥିଲା ଯେ ୧୯୯୨–୯୩ ଆର୍ଥିକ ବର୍ଷ ୧୧୨ କୋଟି ୯୫ ଲକ୍ଷ ଟଙ୍କା ନିଅଣ୍ଟରୁ ଆରମ୍ଭ ହେବ ଏବଂ ବର୍ଷ ଶେଷରେ ମଧ୍ୟ ନିଅଣ୍ଟ ପରିମାଣ ସେହି ସ୍ତରରେ ସ୍ଥିର ରହିବ । ବିଭିନ୍ନ ସୂତ୍ରରୁ ସମ୍ବଳ ସଂଗ୍ରହର ଅଟକଳ ଭିତ୍ତିରେ ୧୯୯୨–୯୩ ଆର୍ଥିକ ବର୍ଷ ପାଇଁ ୨୪୦୫ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇ ଥିଲା । କିନ୍ତୁ, ଯୋଜନାର ଏହି ଆକାରକୁ ରୂପାୟିତ କରିବାରେ ବର୍ଷ ଆରମ୍ଭରୁ ବିଭିନ୍ନ ପ୍ରତିବନ୍ଧକ ଦେଖା ଦେଇଛି । ୬୫ କୋଟି ଟଙ୍କାର କନସାଇନ୍‌ମେଣ୍ଟ ଟିକସ୍ ଅଟକଳ କେନ୍ଦ୍ର ସରକାରଙ୍କ ଯୋଗୁଁ ଫଳପ୍ରସୂ ହେଲା ନାହିଁ । ସେହିପରି ସ୍ୱଳ୍ପ ସଞ୍ଚୟ ବାବଦକୁ ପ୍ରାୟ ୧୧୬ କୋଟି ଟଙ୍କା ନିଅଣ୍ଟ ହେବ ବୋଲି ଜଣା ଯାଉଛି । ବହିଃ ଯୋଜନା

ସମ୍ବନ୍ଧୀୟ କେନ୍ଦ୍ରୀୟ ସାହାଯ୍ୟ (ଇ:ଏ:ପି:) ଅଟକଳରୁ ୨୪୮ କୋଟି ଟଙ୍କା ହ୍ରାସ ହେବ ବୋଲି ସଂଶୋଧିତ ଅଟକଳରୁ ଜଣା ପଡୁଛି । ଏହି ସବୁ କାରଣ ଯୋଗୁଁ ରାଜ୍ୟ ମୂଳ ଯୋଜନା ଅଟକଳକୁ ୧୪୦୫ କୋଟିରୁ ୧୦୬୫ କୋଟି ଟଙ୍କାକୁ କମାଇବାକୁ ସରକାର ବାଧ ହୋଇଛନ୍ତି । ସଫଳ ସଂଗ୍ରହ ଦ୍ୱାରରେ ଏହି ନିଅଣ୍ଟ ସାଙ୍ଗକୁ ରାଜ୍ୟର ଅଣଯୋଜନା ଖର୍ଚ୍ଚ ମୂଳ ଅଟକଳ ୨୨୭୭ କୋଟି ୫୫ ଲକ୍ଷ ଟଙ୍କାରୁ ୨୩୮୮ କୋଟି ୫୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ ବୋଲି ୧୯୯୨-୯୩ ସଂଶୋଧିତ ଅଟକଳରୁ ଜଣାପଡ଼େ । ପ୍ରକୃତରେ ଅଣଯୋଜନା ଖର୍ଚ୍ଚ ପ୍ରାୟ ୧୭୪ କୋଟି ଟଙ୍କା ଅଧିକ ହୋଇଛି । କିନ୍ତୁ, ସେଥିରୁ ପ୍ରାୟ ୬୩ କୋଟି ଟଙ୍କା ବିଭିନ୍ନ ବିଭାଗରେ ବ୍ୟୟ ସଙ୍କୋଚନ କରି ସଂଗ୍ରହ କରାଯାଇଛି । ତେଣୁ ଅବଶିଷ୍ଟ ପ୍ରାୟ ୧୧୧ କୋଟି ଟଙ୍କା ଅଣଯୋଜନା ଖର୍ଚ୍ଚ ଅଧିକ ହେବ । ଉପରୋକ୍ତ କାରଣମାନଙ୍କ ପାଇଁ ୧୯୯୨-୯୩ ଆର୍ଥିକ ବର୍ଷ ୧୬୪ କୋଟି ୩୧ ଲକ୍ଷ ଟଙ୍କା ନିଅଣ୍ଟରେ ଶେଷ ହେବ, ଯାହାକି ୧୯୯୩-୯୪ ଆର୍ଥିକ ବର୍ଷର ପ୍ରାରମ୍ଭିକ ନିଅଣ୍ଟରୂପେ ଧାର୍ଯ୍ୟ ହୋଇଛି ।

(୮) ବର୍ତ୍ତମାନ ମୁଁ ୧୯୯୩-୯୪ ଆର୍ଥିକ ବର୍ଷର ବଜେଟ୍ ଅଟକଳ ବିଷୟରେ ସୂଚନା ଦେବାକୁ ଯାଉଛି । ରାଜ୍ୟର ନିଜସ୍ୱ ଟିକସ ଓ ଅଣ ଟିକସ ଆୟ ଆସନ୍ତା ବର୍ଷରେ ମୋଟ ୧୧୯୮ କୋଟି ୮୭ ଲକ୍ଷ ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଛି । ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ କେନ୍ଦ୍ରୀୟ ଟିକସର ଅଂଶ ଓ ଅନ୍ୟାନ୍ୟ ଅନୁଦାନ ଓ ହାଣ୍ଡଲୁମ୍ ସବ୍‌ସିଡି ବାବଦରେ ୧୧୭୮ କୋଟି ୧୭ ଲକ୍ଷ ଟଙ୍କା ମିଳିବ । ଏହିପରି ଭାବରେ ଅଣ ଯୋଜନା ରାଜସ୍ୱ ମୋଟ ୨୩୭୭ କୋଟି ୪ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଅଣ ଯୋଜନା ରାଜସ୍ୱ ବ୍ୟୟର ପରିମାଣ ୨୭୩୫ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଛି । ଏହି ଖର୍ଚ୍ଚ ମଧ୍ୟରେ ସୁଧ ବାବଦକୁ ୬୮୦ କୋଟି ଟଙ୍କା, ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ନିମିତ୍ତ ୪୧ କୋଟି ୫୩ ଲକ୍ଷ ଟଙ୍କା, ସରକାରୀ କର୍ମଚାରୀଙ୍କ ପେନ୍‌ସନ ଓ ଅନ୍ୟାନ୍ୟ ଅବସରକାଳୀନ ଭତ୍ତା ନିମିତ୍ତ ୧୪୫ କୋଟି ୪୮ ଲକ୍ଷ ଟଙ୍କା, ବାର୍ଦ୍ଧକ୍ୟ, ବିଧବା, ଅକ୍ଷମ ଓ ଭୂମିହୀନ କୃଷି ଶ୍ରମିକଙ୍କ ଭତ୍ତା ବାବଦକୁ ୫୭ କୋଟି ୬୦ ଲକ୍ଷ ଟଙ୍କା, ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ୧୬୬ କୋଟି ୫୩ ଲକ୍ଷ ଟଙ୍କା, ଗ୍ରାମ୍ୟ ବିଦ୍ୟୁତ୍ କରଣ ପାଇଁ ସବ୍‌ସିଡି ବାବଦରେ ୨୩ କୋଟି ୬୦ ଲକ୍ଷ ଟଙ୍କା, ପ୍ରଶାସନିକ ସୁବିଧାକୁ ଜନସାଧାରଣଙ୍କ ନିକଟବର୍ତ୍ତୀ କରିବା ପାଇଁ ଜିଲ୍ଲା ପୁନର୍ଗଠନ ବାବଦରେ ୫ କୋଟି ଟଙ୍କା, କଳାପଟ୍ଟା ଅଭିଯାନ ପାଇଁ ୨୫ କୋଟି ୩୭ ଲକ୍ଷ ଟଙ୍କାର ବ୍ୟୟ

ବରାଦ କରାଯାଇଛି । ଅବଶିଷ୍ଟ ୧୪୯୦ କୋଟି ୩୯ ଲକ୍ଷ ଟଙ୍କା ଦରମା ଏବଂ ଅନ୍ୟାନ୍ୟ ବିଭିନ୍ନ ଅଣଯୋଜନା ଖର୍ଚ୍ଚ ନିମିତ୍ତ ଉଦ୍ଦିଷ୍ଟ । ଏହିପରି, ଅଣଯୋଜନା ରାଜସ୍ୱ ଖର୍ଚ୍ଚ କ୍ଷେତ୍ରରେ ୨୬୮ କୋଟି ୪୬ ଲକ୍ଷ ଟଙ୍କା ନିଅଣ୍ଟ ହେବ ବୋଲି ଅଟକଳ କରାଯାଇଛି ।

(୯) ଅଣ ଯୋଜନା ପୁଞ୍ଜି ଅଟକଳରେ ୮୮୬ କୋଟି ୧୯ ଲକ୍ଷ ଟଙ୍କା ଆୟ ସ୍ଥଳେ ୧୦୦୩ କୋଟି ୪୩ ଲକ୍ଷ ଟଙ୍କାର ବ୍ୟୟ ଆବଶ୍ୟକ ହେବ । ଦୈନନ୍ଦିନ ସାଧନୋପାୟ ଅଗ୍ରୀମ (Ways & Means Advance)ର ଆହରଣ ଓ ପରିଶୋଧ, ଅନ୍ୟାନ୍ୟ ଋଣ ପରିଶୋଧ ଓ ଅଗ୍ରୀମ ବାବଦକୁ ଖର୍ଚ୍ଚ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ଆୟ ତୁଳନାରେ ବ୍ୟୟର ପରିମାଣ ୧୧୭ କୋଟି ୨୪ ଲକ୍ଷ ଟଙ୍କା ଅଧିକ ହେବ ବୋଲି ଅଟକଳ କରାଯାଇଛି । ଏହିପରି ଭାବରେ ଅଣଯୋଜନା କ୍ଷେତ୍ରରେ ରାଜସ୍ୱ ଓ ପୁଞ୍ଜି ବାବଦକୁ ମୋଟ ନିଅଣ୍ଟ ପରିମାଣ ୩୮୫ କୋଟି ୭୦ ଲକ୍ଷ ଟଙ୍କା ହେବ ।

(୧୦) ବର୍ତ୍ତମାନ ମୁଁ ୧୯୯୩-୯୪ ଆର୍ଥିକ ବର୍ଷ ପାଇଁ ଯୋଜନା ଅଟକଳର ବିଶଦ ବିବରଣୀ ଦେବାକୁ ଯାଉଛି । ପୂର୍ବରୁ ସୂଚୀତ ହୋଇଛି ଯେ ଅଣ ଯୋଜନା ବାବଦର ନିଅଣ୍ଟ ପରିମାଣ ୩୮୫ କୋଟି ୭୦ ଲକ୍ଷ ଟଙ୍କା ହେବ । ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ରାଜ୍ୟ ଯୋଜନା ନିମିତ୍ତ କେନ୍ଦ୍ର ସରକାରଙ୍କ ୯୬୦ କୋଟି ୭୫ ଲକ୍ଷ ଟଙ୍କାର ଅନୁଦାନ, ଖୋଲା ବଜାରରୁ ୨୮୫ କୋଟି ୨୦ ଲକ୍ଷ ଟଙ୍କା ଓ ସ୍ୱଳ୍ପ ସଞ୍ଚୟ ଯୋଜନାରୁ ୧୭୫ କୋଟି ଟଙ୍କା ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଆର୍ଥିକ ଅନୁଷ୍ଠାନମାନଙ୍କରୁ ୨୧ କୋଟି ୯୬ ଲକ୍ଷ ଟଙ୍କା ଋଣ, ପରିବର୍ତ୍ତିତ ଗାଡ଼ଗିଲ୍ ଫର୍ମୁଲା ଅନୁସାରେ କେନ୍ଦ୍ର ସରକାରଙ୍କ ୩୨୦ କୋଟି ୭୫ ଲକ୍ଷ ଟଙ୍କା ସାହାଯ୍ୟ ଓ ବହିଃଦେଶୀୟ ସାହାଯ୍ୟପ୍ରାପ୍ତ ପ୍ରକଳ୍ପମାନଙ୍କ ପାଇଁ ୩୬୮ କୋଟି ଟଙ୍କା ମିଳିବ । ତାଛଡ଼ା, ସରକାରୀ ଭବିଷ୍ୟନିଧି ପାଣ୍ଠିରୁ ଉଦ୍‌ବୃତ୍ତ ନିଟ୍ ୨୨୧ କୋଟି ୨ ଲକ୍ଷ ଟଙ୍କା ଯୋଜନା ଖର୍ଚ୍ଚରେ ବ୍ୟବହୃତ ହେବ । ଏ ସବୁ ସତ୍ତ୍ୱେ, ଅଣ ଯୋଜନା ବାବଦର ନିଅଣ୍ଟକୁ ଭରଣା କଲା ପରେ ସ୍ଥିରିକୃତ ରାଜ୍ୟ ସରକାରଙ୍କ ବଜେଟ୍‌ରେ ୨୩୩୩ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ବରାଦଠାରୁ ୧୬୬ କୋଟି ୪୦ ଲକ୍ଷ ଟଙ୍କା ନିଅଣ୍ଟ ରହୁଛି । ଏହି ନିଅଣ୍ଟର ଭରଣା ମୁଖ୍ୟ ଭାଗ ପ୍ରାୟ, ୧୩୮ କୋଟି ଟଙ୍କା ଖଣିଜ ସମ୍ପଦ ଥିବା ଭୂମି ଉପରେ ଟିକସ ଆଦାୟରୁ କରାଯିବ ବୋଲି ବ୍ୟବସ୍ଥା କରାଯାଇଛି ଓ ବାକି ଟଙ୍କା ରାଜସ୍ୱର ପ୍ଲବତା, ଆଦାୟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଓ ଅଣ ଯୋଜନା କ୍ଷେତ୍ରରେ ମିତବ୍ୟୟିତା ଦ୍ୱାରା ସଂଗୃହୀତ ହେବ ବୋଲି

ଅଟକଳ କରାଯାଇଛି । ରାଜ୍ୟ ଯୋଜନା ଅଟକଳ ୧୪୫୦ କୋଟି ଟଙ୍କା ମଧ୍ୟରୁ ବାକି ୧୧୭ କୋଟି ୬୨ ଲକ୍ଷ ଟଙ୍କା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼, ପରିବହନ ନିଗମ ଓ ପୌର ସଂସ୍ଥାମାନେ ନିଜ ନିଜ ବଜେଟ୍‌ରେ ଯଥାକ୍ରମେ ୧୦୫ କୋଟି ୯୭ ଲକ୍ଷ, ୫ କୋଟି ୬୪ ଲକ୍ଷ ଓ ୫ କୋଟି ୧ ଲକ୍ଷ ଟଙ୍କାର ବ୍ୟବସ୍ଥା କରିବେ ।

(୧୧) ଏହାଛଡ଼ା ଆଦିବାସୀ ବହୁଳ ଅଞ୍ଚଳର ଉନ୍ନତି ନିମନ୍ତେ ୪୨ କୋଟି ୨୭ ଲକ୍ଷ ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ, କର୍ମଚାରୀ ବୀମା ଏବଂ UNICEFରୁ ମିଳୁଥିବା ୨ କୋଟି ୭୫ ଲକ୍ଷ ଟଙ୍କା ବିନିଯୋଗ ନିମିତ୍ତ ରାଜ୍ୟ ଯୋଜନା ବଜେଟ୍‌ରେ ବ୍ୟୟ ବରାଦ କରାଯାଇଛି ।

(୧୨) କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ ଯଥାକ୍ରମେ ୨୨୫ କୋଟି ୩ ଲକ୍ଷ ଓ ୨୭୭ କୋଟି ୫୨ ଲକ୍ଷ ଏହିପରି ମୋଟ୍ ୫୦୨ କୋଟି ୫୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିପାଇଁ ସମସ୍ତ ଅର୍ଥ ଅନୁଦାନ ଓ ଋଣ ଆକାରରେ ମିଳିବ । ରାଜ୍ୟର ଆର୍ଥିକ ସ୍ଥିତିରେ ଆପାତତଃ ଏହାର କୌଣସି ପ୍ରତିକୂଳ ପ୍ରଭାବ ଅନୁଭୂତ ହେବ ନାହିଁ । କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର ଆବଶ୍ୟକୀୟ ରାଜ୍ୟ ସରକାରଙ୍କର ଅଂଶ ରାଜ୍ୟ ଯୋଜନା ଅଟକଳରେ ଅନ୍ତର୍ଭୁକ୍ତ କରାଯାଇଛି ।

(୧୩) ୧୯୯୩-୯୪ ଆର୍ଥିକ ବର୍ଷର ବଜେଟ୍‌ରେ ରାଜ୍ୟ ସରକାରଙ୍କ ସଙ୍ଗଠିତ ପାଣ୍ଠି (CONSOLIDATED FUND), ଆକସ୍ମିକ ପାଣ୍ଠି (CONTINGENCY FUND) ଓ ସରକାରୀ ହିସାବ (PUBLIC ACCOUNT) ବାବଦରେ ବିଭିନ୍ନ ସୂତ୍ରରୁ ଆୟ ଓ ବ୍ୟୟ ଅଟକଳର ଏକ ବିବରଣୀ ପରିଶିଷ୍ଟ-Iରେ ଦର୍ଶାଯାଇଛି । ଏଥିରେ ସର୍ବମୋଟ ଆୟ ୮୧୦୯ କୋଟି ୬୫ ଲକ୍ଷ ଟଙ୍କା ଏବଂ ବ୍ୟୟର ପରିମାଣ ୮୧୦୯ କୋଟି ୬୫ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହି ହିସାବ ଅନୁସାରେ ୧୯୯୩-୯୪ ଆର୍ଥିକ ବର୍ଷର ବଜେଟ୍ ଏକ ସମତୁଲ ବଜେଟ୍ ହେବା କଥା । କିନ୍ତୁ, ବର୍ଷ ଆରମ୍ଭର ପ୍ରାରମ୍ଭିକ ନିଅଣ୍ଟ ଭରଣା ହୋଇ ପାରୁ ନଥିବାରୁ ବର୍ଷ ଶେଷରେ ମଧ୍ୟ ତତ୍ତୁଲ୍ୟ ନିଅଣ୍ଟ ୧୬୪ କୋଟି ୩୧ ଲକ୍ଷ ଟଙ୍କା ରହିବ ବୋଲି ଦର୍ଶାଯାଇଛି ।

(୧୪) ୧୯୯୦-୯୧ ମସିହାର ହିସାବ ଅନୁସାରେ ୧୯୮୦-୮୧ର ମୂଲ୍ୟ ସୂଚୀ ଅନୁଯାୟୀ ଆମ ରାଜ୍ୟର ମୁଣ୍ଡପିଛା ଆୟ ୧୫୫୫ ଟଙ୍କା ସ୍ଥଳେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୨୨୨୭ ଟଙ୍କା ଅଟେ । ବର୍ତ୍ତମାନର କେନ୍ଦ୍ର

ସରକାର ଅର୍ଥନୀତି ପରିଗ୍ଳନାରେ ଉଦାର ନୀତି ଅବଲମ୍ବନ କରୁଛନ୍ତି ଓ ପ୍ରତିଯୋଗିତା ମୂଳକ ଅର୍ଥ ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି । କିନ୍ତୁ, ପ୍ରଥମେ କେନ୍ଦ୍ର ସରକାର ଉନ୍ନତ ରାଜ୍ୟ ଓ ଓଡ଼ିଶା ପରି ଅନୁନ୍ନତ ରାଜ୍ୟ ମଧ୍ୟରେ ଥିବା ମୁଣ୍ଡ ପିଛା ଆୟର ବ୍ୟବଧାନକୁ କମାଇ ଆଞ୍ଚଳିକ ବୈଷମ୍ୟ ଦୂର କରିବା ଉଚିତ ବୋଲି ଆମ ମୁଖ୍ୟମନ୍ତ୍ରୀ ବିଭିନ୍ନ ସର୍ବଭାରତୀୟ ସ୍ତରରେ ଦୃଢ଼ ଦାବି କରି ଆସୁଛନ୍ତି । ରାଜ୍ୟର ସୀମିତ ସମ୍ବଳର ଯୋଜନା ମାଧ୍ୟମରେ ସଦୁପଯୋଗ ଦ୍ୱାରା ମୁଣ୍ଡପିଛା ଆୟର ଉପରୋକ୍ତ ବ୍ୟବଧାନକୁ କମାଇବା ପାଇଁ ରାଜ୍ୟ ସରକାର ସଦା ଚେଷ୍ଟିତ ଅଛନ୍ତି । ଏହି ସବୁ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଆମ ସରକାର ଗତ ତିନି ବର୍ଷ ଧରି ଯୋଜନା ପ୍ରସ୍ତୁତ କରି ଆସୁଛନ୍ତି ଓ ଆସନ୍ତା ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି ।

(୧୫) ରାଜ୍ୟ ଯୋଜନାର ୧୪୫୦ କୋଟି ଟଙ୍କା ଯୋଜନା ଅଟକଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ନିମ୍ନଲିଖିତ ପ୍ରକାରେ ବିନିଯୋଗ କରାଯିବ ।

| | | (ଲକ୍ଷ ଟଙ୍କାରେ) |
|---|---|---|
| (୧) | କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ | ୧୩୭,୮୭·୦୦ |
| (୨) | ଗ୍ରାମ୍ୟ ଉନ୍ନୟନ | ୭୯,୪୪·୧୬ |
| (୩) | ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ | ୩୩୮,୪୯·୦୦ |
| (୪) | ଶିଳ୍ପ ଓ ଖଣିଜ ପଦାର୍ଥ | ୮୮,୧୭·୦୦ |
| (୫) | ପରିବହନ | ୧୫୩,୫୯·୦୦ |
| (୬) | ଶକ୍ତି | ୩୯୭,୦୦·୦୦ |
| (୭) | ବିଜ୍ଞାନ, ବୈଷୟିକ ବିଦ୍ୟା ଓ ପରିବେଶ | ୨,୮୩·୦୦ |
| (୮) | ସାଧାରଣ ଆର୍ଥିକ ସେବା | ୧୪,୫୯·୦୦ |
| (୯) | ସାଧାରଣ ସାମାଜିକ ସେବା | ୨୩୬,୬୩·୫୦ |
| (୧୦) | ସାଧାରଣ ସେବା | ୬,୫୯·୩୪ |

(୧୬) ଆମ ରାଜ୍ୟର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ଆଧାରିତ । କୃଷିରୁ ରାଜ୍ୟର ମୋଟ ଆୟର ୫୦ ଭାଗରୁ ଊର୍ଦ୍ଧ୍ୱ ଆଦାୟ ହେଉଛି । ମୌସୁମୀ ପ୍ରବାହ ଉପରେ ନିର୍ଭରଶୀଳତା ହ୍ରାସ କରି ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ପାଇଁ ଜଳସେଚନର ପର୍ଯ୍ୟାପ୍ତ ଆବଶ୍ୟକତା ରହିଛି । ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ସପ୍ତମ ଯୋଜନା ଶେଷସୁଦ୍ଧା ପ୍ରାୟ ୧୪ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇଥିଲା, ଯାହାକି ଏହି ଧରଣର ଜଳସେଚନ ଉପଯୋଗୀ ଜମିର ୨୩·୪୯ ପ୍ରତିଶତ ଅଟେ । ୧୯୯୦–୯୧ ଓ ୧୯୯୧–୯୨

ଆର୍ଥିକ ବର୍ଷରେ ଅଧିକ, ୩୪ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇଛି ଓ ୧୯୯୨-୯୩ ବର୍ଷ ସୁଦ୍ଧା ଆଉ ୩୫ ହଜାର ହେକ୍ଟର ଜମିକୁ ଜଳସେଚିତ କରାଯାଉଛି । ୧୯୯୩-୯୪ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅନ୍ତର୍ଭୁକ୍ତ ପ୍ରକଳ୍ପ ଓ କେନ୍ଦ୍ରୀୟ ପୋଟେରୁ ଯୋଜନା ମାଧମରେ ୪୧·୫୯ ହଜାର ହେକ୍ଟର ଜମିରେ ଖରିଫ୍ ଓ ରବି ଫସଲ ପାଇଁ ଜଳସେଚନର ବ୍ୟବସ୍ଥା କରାଯାଇଛି । ୧୯୯୦-୯୧ ଓ ୧୯୯୨-୯୩ ମଧ୍ୟରେ କ୍ଷୁଦ୍ର ଜଳସେଚନ ଦ୍ୱାରା ୯୩·୬୧ ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇଛି ଓ ୧୯୯୩-୯୪ ମସିହାରେ ଏହି ସୁବିଧାକୁ ବ୍ୟାପକ କରି ୮୮୫୩ ହେକ୍ଟର ଜମିରେ ଖରିଫ୍ ଓ ୨୯୪୯ ହେକ୍ଟର ଜମିରେ ରବି ଫସଲ ପାଇଁ ଜଳସେଚନ ସୁବିଧା କରାଯାଇଛି । ଉଠା ଜଳସେଚନ ପାଇଁ ମଧ୍ୟ ଆମ ସରକାର ଗୁରୁତ୍ୱ ଦେଉଛନ୍ତି । ୧୯୯୦-୯୧ ଓ ୧୯୯୧-୯୨ ମସିହାରେ ୧୨୨୧ଟି ଉଠା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ୨୪ ୨୦୦ ହେକ୍ଟର ଜମିରେ ଜଳସେଚନ କରାଯାଇଛି ଓ ୧୯୯୨-୯୩ ଆର୍ଥିକ ବର୍ଷର ଡିସେମ୍ବର ମାସ ସୁଦ୍ଧା ୧୧୦ଟି ପ୍ରକଳ୍ପ ଶେଷ କରାଯାଇ ୧୮୭୬ ହେକ୍ଟର ଜମିକୁ ଜଳସେଚନ ଉପଯୋଗୀ କରାଯାଇଛି । ୧୯୯୩-୯୪ ଆର୍ଥିକ ବର୍ଷରେ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଅଧିକ ୧୪ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଦେବାକୁ ବ୍ୟୟ ବରାଦ କରାଯାଇଛି । ଏଠାରେ ମଧ୍ୟ ଉଲ୍ଲେଖନୀୟ ଯେ ୧୯୯୩-୯୪ ବର୍ଷଠାରୁ ଜର୍ମାନର **KFW**ର ସହାୟତାରେ ୫୬୦ଟି ନୂତନ ପ୍ରକଳ୍ପ, ୧୦୦ଟି ସିକ୍ ଉଠା ଜଳସେଚନ ପ୍ରକଳ୍ପ ଏବଂ ୫୦ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ହାତକୁ ନିଆଯାଉଛି, ଯେଉଁଥିରୁ କି ପ୍ରାୟ ୩୦ ହଜାର ହେକ୍ଟର ଜମି ଜଳସେଚିତ ହେବ ।

(୧୭) ଧାନ ଆମ ରାଜ୍ୟର ପ୍ରଧାନ ଫସଲ ଅଟେ । ସପ୍ତମ ଯୋଜନା ଶେଷ ସୁଦ୍ଧା ରାଜ୍ୟର ବାର୍ଷିକ ଚାଉଳ ଉତ୍ପାଦନ ୬୨·୮୪ ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିଲା ଓ ଆମ ସରକାରଙ୍କ ଗତ ତିନି ବର୍ଷ ଶାସନକାଳ ମଧ୍ୟରେ ଏହା କ୍ରମାଗତ ଭାବେ ବୃଦ୍ଧି ପାଇଛି ଓ ୧୯୯୩-୯୪ ଆର୍ଥିକ ବର୍ଷରେ ଚାଉଳ ଉତ୍ପାଦନ ୭୨·୩୭ ଲକ୍ଷ ମେଟ୍ରିକ୍ ଟନ୍ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଲକ୍ଷ୍ୟ ହାସଲ ପାଇଁ ଉନ୍ନତ ଧରଣର ବିହନ ବଣ୍ଟନ ଓ ଆନୁଷଙ୍ଗିକ ସୁବିଧା ପାଇଁ ବ୍ୟୟ ବରାଦ କରାଯାଇଛି ।

(୧୮) ପାନୀୟ ଜଳ ଯୋଗାଣ ଆମ ସରକାରଙ୍କର ଏକ ମୁଖ୍ୟ କାର୍ଯ୍ୟକ୍ରମ । ୧୯୯୩-୯୪ ମସିହାରେ ୨୨୮୦ଟି ଟିଉବ୍‌ୱେଲ୍ ଓ ୧୪୪ଟି ସାନିଟାରୀ କୂପ ଏବଂ **ARWSP** ଯୋଜନା ମାଧ୍ୟମରେ ୨୮୬୦ଟି ନଳକୂପ ଓ

୭୩ଟି ସାନିଟାରୀ କୂପ ସ୍ଥାପନ କରାଯିବ ଡେନିସ୍ ସରକାରଙ୍କ ସହାୟତାରେ ମଧ୍ୟ ପାନୀୟଜଳ ଯୋଗାଣ ତ୍ୱରାନ୍ୱିତ କରିବାକୁ ବ୍ୟୟ ବରାଦ ହୋଇଛି । ସମ୍ବଲପୁର, କଟକ ଓ କେନ୍ଦ୍ରାପଡ଼ା ସହର ପାଇଁ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ରାଜ୍ୟ **Swerage Board** ମାଧ୍ୟମରେ ଅର୍ଥ ବ୍ୟବସ୍ଥା କରାଯାଇଛି ।

(୧୯) ସ୍ୱଳ୍ପ ଆୟକାରୀ ଲୋକଙ୍କ ପାଇଁ ଗୃହ ଯୋଗାଣ ଆମ ସରକାରଙ୍କର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟକ୍ରମ । ୧୯୯୨–୯୩ ମସିହାରେ ସରକାରଙ୍କର ଗ୍ୟାରେଣ୍ଟି ବଳରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (**OSHB**) ଋଣ ସଂଗ୍ରହ କରି ୮୮୫୨ ଉପଭୋକ୍ତାଙ୍କୁ ଋଣଦେବାର ବ୍ୟବସ୍ଥା କରିଛନ୍ତି । ୧୯୯୩–୯୪ ରେ **HUDCO**ରୁ ଋଣ ସଂଗ୍ରହ କରି ଗ୍ରାମାଞ୍ଚଳରେ ୨୫୦୦୦ ଓ ସହରାଞ୍ଚଳରେ ୫୮୦୦ ନୂତନ ଗୃହ ନିର୍ମାଣ କରିବାର ଯୋଜନା ଅଛି । ଏହାବ୍ୟତୀତ **HUDCO** ଏବଂ ଅନ୍ୟାନ୍ୟ ସଂସ୍ଥାମାନଙ୍କଠାରୁ ଅର୍ଥ ସହାୟତା ନେଇ ଗ୍ରାମାଞ୍ଚଳରେ ଗୋଷ୍ଠୀ ପରିଚାଳନା ସଂଘ ମାଧ୍ୟମରେ ଗୃହ ନିର୍ମାଣ ପାଇଁ ସହାୟତା ଯୋଗାଇବା ପାଇଁ କଳିଙ୍ଗ କୁଟୀର ନାମରେ ଏକ ସ୍ୱତନ୍ତ୍ର ପରିଯୋଜନା ହାତକୁ ନିଆଯାଇଛି ।

(୨୦) ଶକ୍ତି ବିନା ପ୍ରଗତି ସମ୍ଭବ ନୁହେଁ । ଆମ ରାଜ୍ୟର ସପ୍ତମ ଯୋଜନା ଶେଷ ସୁଦ୍ଧା ମୋଟ ୧୬୭୫·୪୫ ମେଗାୱାଟ୍ ଶକ୍ତି ଓ ୭୨୧ ମେଗାୱାଟ୍ ନିଶ୍ଚିତ ଶକ୍ତି ଯୋଗାଇବା କ୍ଷମତା ଥିଲା । କିନ୍ତୁ ରାଜ୍ୟର ଚାହିଦା ୧୨୭୧ ମେଗାୱାଟ୍ ହୋଇଥିବାରୁ ଚାହିଦାରୁ ମିଳୁଥିବା ଶକ୍ତି ୪୩·୦୨ ପ୍ରତିଶତ କମ୍ ଥିଲା । ଏଠାରେ ଉଲ୍ଲେଖନୀୟ ଯେ ସର୍ବଭାରତୀୟ ସ୍ତରରେ ବିଜୁଳି ଶକ୍ତିର ଅଭାବ ଚାହିଦାଠାରୁ ମାତ୍ର ୭·୦୯ ପ୍ରତିଶତ କମ୍ ଅଟେ । ଏହି ଦୃଷ୍ଟିରୁ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣକରି ଅଧିକ ବିଦ୍ୟୁତ୍ ଉତ୍ପାଦନ କରିବାର ଆବଶ୍ୟକତା ରହିଛି । ଏହାକୁ ଉପଲବ୍ଧି କରି ଆମ ସରକାର ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ଅଗ୍ରାଧିକାର ଦେଇଛନ୍ତି । ଗତ ତିନିବର୍ଷ ମଧ୍ୟରେ ହିରାକୁଦର ସପ୍ତମ ୟୁନିଟ୍, ରେଙ୍ଗାଲିର ପଞ୍ଚମ ୟୁନିଟ୍ ଓ ଉପର କୋଲାବର ଚତୁର୍ଥ ୟୁନିଟ୍ ସମ୍ପୂର୍ଣ୍ଣ କରି ୧୬୭·୫ ମେଗାୱାଟ୍ ବିଜୁଳି ଶକ୍ତି ଉତ୍ପାଦନ କରାଯାଇଛି । ଏହାଛଡ଼ା ୪୨୦·ମେଗାୱାଟ୍ କ୍ଷମତାବିଶିଷ୍ଟ ଇବ୍ ଥର୍ମାଲ ଶକ୍ତି ପ୍ରକଳ୍ପର ପ୍ରଥମ ୟୁନିଟ୍‌ରୁ ୧୯୯୪ ମସିହା ମାର୍ଚ୍ଚ ମାସରୁ ବ୍ୟବସାୟିକ ଭିତ୍ତିରେ ବିଜୁଳି ଶକ୍ତି ଉତ୍ପାଦନ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି । ଭାରତରେ ପ୍ରଥମଥର ପାଇଁ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଘରୋଇ ଓ ବୈଦେଶିକ ପୁଞ୍ଜି ବିନିଯୋଗକାରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏକ ମାର୍କିନ ବ୍ୟବସାୟୀ ସଂସ୍ଥା ସହିତ

ଇବ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଓ ଡୁବୁରୀ ଶକ୍ତି ପ୍ରକଳ୍ପ ତଥା ଅନ୍ୟ କେତୋଟି କ୍ଷୁଦ୍ରଜଳ ବିଦ୍ୟୁତ୍ ପରିଯୋଜନା ପାଇଁ କଳିଙ୍ଗ ପାଓ୍ୱାର୍ କର୍ପୋରେସନ୍ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇସାରିଛି । ହିରାକୁଦର ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ତାଳଚେରର ତାପଜ ବିଦ୍ୟୁତ୍ କେନ୍ଦ୍ରର ଆଧୁନିକୀକରଣ ପାଇଁ ଓଭରସିଜ୍ ଡ଼େଭେଲପମେଣ୍ଟ ଏଜେନ୍‌ସି ଓ ଫାଇନାନ୍‌ସ କର୍ପୋରେସନ ଅଫ୍ ଇଣ୍ଡିଆରୁ ଆର୍ଥିକ ସହାୟତା ଆଣିବା ସଙ୍ଗେ ସଙ୍ଗେ ଅନ୍ୟ କେତେକ କ୍ଷୁଦ୍ର ବିଦ୍ୟୁତ୍ ପ୍ରକଳ୍ପ ଯୋଜନା ମଧ୍ୟ ହାତକୁ ନିଆଯାଇଛି ।

(୨୧) ବିଭିନ୍ନ ପ୍ରୋତ୍ସାହନ ଦେଇ ରାଜ୍ୟରେ ଦ୍ରୁତ ଶିଳ୍ପ ବିକାଶ କରିବା ନିମିତ୍ତ ଆମ ସରକାର ସର୍ବଦା ଉଦ୍ୟମ ଅବ୍ୟାହତ ରଖିଛନ୍ତି । ୧୯୯୩-୯୪ ଆର୍ଥିକ ବର୍ଷରେ ୨୨୫୦ଟି କ୍ଷୁଦ୍ର ଶିଳ୍ପ ଏବଂ ୫୪ ହଜାର କାରିଗରୀ ଭିତ୍ତିକ ଶିଳ୍ପ (Artisan Based) ୟୁନିଟ୍ ସ୍ଥାପନ କରି କର୍ମନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୯୯୩-୯୪ ଆର୍ଥିକ ବର୍ଷରେ IPICOL ଓ IDICOL ଦ୍ୱାରା ୨୪ଟି ବୃହତ୍ ଓ ମଧ୍ୟମ ଶିଳ୍ପ ସମ୍ପ୍ରସାରଣ କରିବାର କାର୍ଯ୍ୟକ୍ରମ ରହିଛି ।

(୨୨) ମାନ୍ୟବର ସଦସ୍ୟମାନେ ଅବଗତ ଅଛନ୍ତି ଯେ ରାଜ୍ୟରେ ଥିବା ଅଧିକାଂଶ ସରକାରୀ ଉଦ୍ୟୋଗ କ୍ଷତିରେ ଚାଲିଆସୁଛନ୍ତି । ଆମ ସରକାର ଶାସନକୁ ଆସିବା ପରେ ଏହି କ୍ଷତି ହ୍ରାସ ପାଇଁ ଯଥାସାଧ୍ୟ ଯତ୍ନ କରାଯାଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ୧୯୮୭-୮୮ ଆର୍ଥିକ ବର୍ଷରେ ସରକାରୀ ଉଦ୍ୟୋଗଗୁଡ଼ିକର କ୍ଷତିର ପରିମାଣ ୫୫ କୋଟି ୬୦ ଲକ୍ଷ ଟଙ୍କା ଥିବାବେଳେ ୧୯୯୧-୯୨ ପ୍ରାଥମିକ ହିସାବ ଅନୁସାରେ ୧୩ କୋଟି ୩୬ ଲକ୍ଷ ଟଙ୍କା ଲାଭ ହୋଇଛି ।

(୨୩) ଆମ ରାଜ୍ୟ ବିପୁଳ ଖଣିଜ ସମ୍ପଦର ଅଧିକାରୀ । ଏହି ସମ୍ପଦର ସଦୁପଯୋଗ କରି ରାଜ୍ୟର ସର୍ବାଙ୍ଗୀନ ଅର୍ଥନୈତିକ ଉନ୍ନତି ଉଦ୍ଦେଶ୍ୟରେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକାଧିକ ଇସ୍ପାତ୍ କାରଖାନା, ତୈଳ ବିଶୋଧନାଗାର, ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ଏକାଧିକ ଆଲୁମିନା ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଦେଶ ବିଦେଶରେ ବିଭିନ୍ନ ସଂସ୍ଥା ସହିତ କାରିଗରୀ ଓ ପୁଞ୍ଜି ଲଗାଣ ବ୍ୟବସ୍ଥା କରୁଅଛନ୍ତି । ଏଥି ମଧ୍ୟରୁ କେତେଗୁଡ଼ିଏ ପ୍ରକଳ୍ପରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଅଛି ।

(୨୪) ଆମ ରାଜ୍ୟର ଶତକଡ଼ା ୩୭.୦୯ ଭାଗ ଲୋକ ଆଦିବାସୀ ଓ ହରିଜନ ଶ୍ରେଣୀର ଅନ୍ତର୍ଭୁକ୍ତ । ଏହି ସମ୍ପ୍ରଦାୟର ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତ୍ୟେକ ବିଭାଗର ଯୋଜନା ଅଟକଳରେ ଏକ ସ୍ୱତନ୍ତ୍ର ଅଂଶ ଉଦ୍ଦିଷ୍ଟ

କରାଯାଇଛି । ୨୧ଟି ITDA ଓ ୪୬ଟି MADA ବିଭିନ୍ନ ଆଦିବାସୀ ଉନ୍ନୟନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ନିୟୋଜିତ ହୋଇଛନ୍ତି । ସେହିପରି ହରିଜନ ସମ୍ପ୍ରଦାୟର ଲୋକମାନଙ୍କୁ ବିଭିନ୍ନ ପେଷାରେ ସ୍ୱାବଲମ୍ବୀ କରିବା ପାଇଁ ଅର୍ଥ ସହାୟତା ଏକ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ (Special Componet Plan) ଦିଆଯାଉଛି । ୧୯୯୩-୯୪ ମସିହାରେ ଆଦିବାସୀ ଓ ହରିଜନମାନଙ୍କର ଉନ୍ନତିକଳ୍ପେ ରାଜ୍ୟ ଯୋଜନାରେ ୨୮ କୋଟି ଓ କେନ୍ଦ୍ରୀୟ ସ୍ୱତନ୍ତ୍ର ସାହାଯ୍ୟରୁ ମୋଟ୍ ୬୭ କୋଟି ୬୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ୧୯୯୩-୯୪ ଆର୍ଥିକ ବର୍ଷରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ପ୍ରାୟ ୯୦ ହଜାର ଆଦିବାସୀ ଓ ୬୦ ହଜାର ହରିଜନ ପରିବାରଙ୍କୁ ସାହାଯ୍ୟ ଦେବାର ବ୍ୟବସ୍ଥା କରାଯାଇଛି ।

(୨୫) ଗ୍ରାମାଞ୍ଚଳର ଜନସାଧାରଣ ଏବେ ମଧ୍ୟ ଜୀବନର ମୌଳିକ ସୁଖ ସୁବିଧାରୁ ବଞ୍ଚିତ । ଆମ ସରକାରଙ୍କ ଦ୍ୱାରା ଗ୍ରାମବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଯୋଜନା ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି । IRDP ପରିଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଗ୍ରାମୀଣ ଅଧିବାସୀମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । DWCRA କାର୍ଯ୍ୟକ୍ରମ ଜରିଆରେ ମହିଳାମାନଙ୍କୁ ଧନ୍ଦାମୂଳକ କର୍ମ ଯୋଗାଣ, TRYSEM କାର୍ଯ୍ୟକ୍ରମ ଜରିଆରେ ଗ୍ରାମର ବେକାର ଯୁବକମାନଙ୍କୁ ବିଭିନ୍ନ ତାଲିମ ଦ୍ୱାରା ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି, SFPP କାର୍ଯ୍ୟକ୍ରମ ଦ୍ୱାରା ନଳକୂପ ଖନନ କରିବା ଓ ବେକାରୀ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ଯଥେଷ୍ଟ କର୍ମ ଦିବସ ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି । ICDS ଯୋଜନା ମାଧ୍ୟମରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ସୁଷମ ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ଓ ରୋଗ ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି ।

(୨୬) ଶିକ୍ଷା ମାଧ୍ୟମରେ ହିଁ ମାନବ ସମାଜର ପୂର୍ଣ୍ଣ ବିକାଶ ହୋଇପାରିବ । ୧୯୯୧ ମସିହାରେ ପ୍ରାରମ୍ଭିକ ହିସାବ ଅନୁସାରେ ସର୍ବଭାରତୀୟ ସ୍ତରରେ ୫୨.୧୧ ଶତାଂଶ ଲୋକ ସ୍ୱାକ୍ଷର ଥିବା ସ୍ଥଳେ ଆମ ରାଜ୍ୟର ୪୮.୫୫ ଶତାଂଶ ଲୋକ ସ୍ୱାକ୍ଷର ଅଟନ୍ତି । ଗଣଶିକ୍ଷାର ପ୍ରସାର ଦ୍ୱାରା ସ୍ୱାକ୍ଷର ଲୋକସଂଖ୍ୟାର ବୃଦ୍ଧି ପାଇଁ ଗତ ତିନି ବର୍ଷ ମଧ୍ୟରେ ରାଜ୍ୟର ୫ଟି ଜିଲ୍ଲାରେ Total literacy campaign ଆମ ସରକାର ହାତକୁ ନେଇଛନ୍ତି ଓ ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବ ।